ପି. ରତ୍ନାକର ରାଓ ଏବଂ ଅନ୍ୟମାନେ

ବନାମ

ଆନ୍ଧ୍ର ପ୍ରଦେଶ ସରକାର

ମେ 10, 1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତି]

*ମୋଟର ଯାନ ଅଧିନିୟମ, 1988:*

*ଧାରା 194 ଏବଂ 200- ତା 31.3.1995 ରିଖ ଜି.ଓ.ଏମ.ଏସ. ସଂଖ୍ୟା 54 – ମୀମାଂସିତ ପ୍ରାପ୍ୟ- ର ବୃଦ୍ଧି- ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ମୀମାଂସିତ ପ୍ରାପ୍ୟକୁ ପ୍ରତି କିଲୋଗ୍ରାମ୍ ପିଛା 10 ଟଙ୍କାରୁ 100 ଟଙ୍କାକୁ ବୃଦ୍ଧି- ଜଣେ ପ୍ରତିନିଧି ଭାବେ ସରକାର ଧାରା 194 ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ମୀମାଂସିତ ପ୍ରାପ୍ୟ ନିର୍ଦ୍ଧାରଣ କରିବାରେ ଧାରା 200 ଅଧୀନରେ ଥିବା ତାଙ୍କର କ୍ଷମତାକୁ ଅତିକ୍ରମ କରିନଥିଲେ ।*

*ପ୍ରଶାସନିକ ଆଇନ*

*ପ୍ରଦତ୍ତ କରାଯାଇଥିବା ବିଧାନ- ମୋଟର ଯାନ ଅଧିନିୟମ, 1988 ର ଧାରା 200 ଅଧୀନରେ ଆନ୍ଧ୍ର ପ୍ରଦେଶ ସରକାର ତା 31.3.1995 ରିଖ ଜି.ଓ.ଏମ.ଏସ. ସଂଖ୍ୟା 54 ଜାରି କରି ଅଧିନିୟମର ଧାରା 194 ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ମୀମାଂସିତ ପ୍ରାପ୍ୟକୁ କିଲୋଗ୍ରାମ ପିଛା 10 ଟଙ୍କାରୁ 100 ଟଙ୍କା ବୃଦ୍ଧି କରି ନିଜର କ୍ଷମତା ପ୍ରୟୋଗ କରିଛନ୍ତି- କୁହାଗଲା ପ୍ରଦତ୍ତ କରାଯାଇଥିବା ବିଧାନ ଦ୍ୱାରା ପ୍ରୟୋଗ କରାଯାଇଥିବା ବିବେକିତା, ଅର୍ଥାତ୍, କାର୍ଯ୍ୟ ନିର୍ବାହୀ, ଅଧିନିୟମରେ ସନ୍ନିବେଶିତ ବିନିର୍ଦ୍ଦିଷ୍ଟତା ଦ୍ୱାରା  ନିୟନ୍ତ୍ରିତ । ଏହା ଜରୁରୀ ନୁହେଁ ଯେ ଧାରା 200 ସ୍ୱୟଂ ସେହି ବାବଦରେ ସବିଶେଷ ବିବରଣୀ ଧାରଣ କରିବା ଉଚିତ- ଯେ ପର୍ଯ୍ୟନ୍ତ ମୀମାଂସିତ ପ୍ରାପ୍ୟ ଦଣ୍ଡବିଧାନ ଧାରା ଦ୍ୱାରା  ନିର୍ଦ୍ଧାରିତ ଚୂଡ଼ାନ୍ତକୁ ଅତିକ୍ରମ କରିନଥାଏ, ସେ ପର୍ଯ୍ୟନ୍ତ ଏହାକୁ ଅତ୍ୟଧିକ କିମ୍ବା ଅଯୌକ୍ତିକ କିମ୍ବା ମାର୍ଗଦର୍ଶନ ରହିତ ବୋଲି ଘୋଷଣା କରାଯାଇପାରିବ ନାହିଁ ।*

ଦେୱାନୀ ଆବେଦନ ଅଧିକାରିତା: ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା  14373/1996  ।

ଡବ୍ଲ୍ୟୁ. ପି. ସଂଖ୍ୟା  23323/1995 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା 29.12.95 ରିଖର ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଡ. ରାଜୀବ ଧୱନ, ଏସ.ୟୁ.କେ. ସାଗର, ଅଶୋକ ଆନନ୍ଦ ଏବଂ ଏଲ.ଏନ. ରାଓ

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା ଦିଆଯାଇଛି ।

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 29 ଡିସେମ୍ବର, 1995 ରିଖ ରାୟ ତଥା ଆଦେଶରୁ ଉତ୍ପନ୍ନ ହୋଇଛି, ଯାହା ରିଟ ଆବେଦନ ସଂଖ୍ୟା  23323/1995 ରେ ଦିଆଯାଇଥିଲା । ଆବେଦନକାରୀମାନେ ମାଲବୁହା ମୋଟର ଯାନର ମାଲିକ ଅଟନ୍ତି ଏବଂ ଉପଯୁକ୍ତ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପକ୍କା ଜାତୀୟ/ରାଜ୍ୟ ଅନୁମତି ଆଧାରରେ ଏହାକୁ ଚଳାଉଥିଲେ । ଯେତେବେଳେ ସେମାନେ ପରିବହନ (ସଡ଼କ ଏବଂ କୋଠା) ବିଭାଗ ଦ୍ୱାରା ତା ମାର୍ଚ୍ଚ 31, 1995 ରିଖରେ ଜାରି ହୋଇଥିବା ଜି.ଓ.ଏମ.ଏସ. ସଂଖ୍ୟା   54 ର ବୈଧତାକୁ ଆପତ୍ତି କରିଥିଲେ, ଯାହା ମୋଟର ଯାନ ଅଧିନିୟମ, 1984 (ସଂକ୍ଷେପରେ, "ଅଧିନିୟମ") ର ଉଲ୍ଲଂଘନ ଏବଂ ସ୍ୱେଚ୍ଛାଚାର ଭାବରେ ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ କରୁଥିବାରୁ ମୀମାଂସିତ ପ୍ରାପ୍ୟକୁ କିଲୋଗ୍ରାମ ପିଛା 10 ଟଙ୍କାରୁ 100

ଟଙ୍କାକୁ ବୃଦ୍ଧି କରାଯାଇଥିଲା, ସେତେବେଳେ ଦୁଇଜଣିଆ ଖଣ୍ଡପୀଠ ଆକ୍ଷେପିତ ରାୟରେ ଉକ୍ତ ଜିଓଏମଏସ କୁ କାଏମ ରଖିଥିଲେ ।

ଅଧିନିୟମର ଧାରା 113 ରୁ 115 ର ଉଲଘଂନରେ ଗାଡି ଚଳାଇବା ପାଇଁ ଅତିରିକ୍ତ ବୋଝର ଅବତରଣ ପାଇଁ ମୂଲ୍ୟ ଦେୟ ଦେବା ଦାୟିତ୍ୱ ସହ ସର୍ବନିମ୍ନ 2, 000 ଟଙ୍କା ଜୋରିମାନା ଏବଂ ଅତିରିକ୍ତ ବୋଝ ପାଇଁ ଟନ ପିଛା ଅତିରିକ୍ତ 1,000 ଟଙ୍କା ରାଶି ପ୍ରଦାନ ନିମନ୍ତେ ଅଧିନିୟମର ଧାରା 194 ଦଣ୍ଡ ବ୍ୟବସ୍ଥା ପ୍ରଦାନ କରେ । ସେଥିର ଉପଧାରା (2) ଚୂଡ଼ାନ୍ତ ରୂପେ ଓଜନ ପୂର୍ବରୁ ସେହି ଗାଡ଼ି ଚାଳକଙ୍କ ଉପରେ 3,000 ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରିଥାଏ ଯିଏ ଧାରା 114 ଅନୁଯାୟୀ ସେହି ବାବଦରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯିବା ପରେ ଗାଡ଼ିକୁ ଅଟକାଇବାକୁ ବା ଓଜନ କରିବାକୁ ମନା କରନ୍ତି କିମ୍ବା ବୋଝ କିମ୍ବା ଏହାର କିଛି ଅଂଶକୁ ହଟାଇବାକୁ ମନା କରନ୍ତି କିମ୍ବା ହଟାଇବାକୁ ପ୍ରଯତ୍ନ କରନ୍ତି । ଏହି ଅଧିନିୟମର ଧାରା 200 ପ୍ରାଧିକୃତ ଅଧିକାରୀଙ୍କୁ ଏହାର ଉପଧାରା (1) ରେ ଉଲ୍ଲେଖିତ ବ୍ୟବସ୍ଥା ଅନୁଯାୟୀ ଦଣ୍ଡନୀୟ ଅପରାଧକୁ ରଫା କରିବାକୁ ପ୍ରାଧିକୃତ କରେ । ଧାରା 194 ସେହି ଅପରାଧ ପାଇଁ ଥିବା ବ୍ୟବସ୍ଥା ମଧ୍ୟରୁ ଗୋଟିଏ ଅଟେ, ଯେଉଁଥିରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ କିମ୍ବା ପରେ, ରାଜ୍ୟ ସରକାର ସରକାରୀ ରାଜପତ୍ରରେ ବିଜ୍ଞପ୍ତି ଦ୍ୱାରା ବିନିର୍ଦ୍ଦିଷ୍ଟ କରିଥିବା ରାଶି ପାଇଁ ଏପରି ଅପରାଧକୁ ରଫା କରିବାକୁ ପ୍ରାଧିକୃତ ଅଧିକାରୀଙ୍କୁ କ୍ଷମତା ଦିଆଯାଇଛି । ସେଥିର ଉପଧାରା (2) ଅଧୀନରେ ଅପରାଧକୁ ରଫା କରିବା ପରେ ହେପାଜତରେ ଥିବା ଅଭିଯୁକ୍ତକୁ ଦୋଷମୁକ୍ତ କରାଯିବ ଏବଂ ଏପରି ଅପରାଧ ସମ୍ବନ୍ଧିତ କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯିବ ।

ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉଠାଯାଇଥିବା ଏବଂ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ରାଜୀବ ଧୱନଙ୍କ ଦ୍ୱାରା ଆମ୍ଭ ସମ୍ମୁଖରେ ପୁନରାବୃତ୍ତି ହୋଇଥିବା ଯୁକ୍ତିଟି ଏହା ଯେ ଅଧିନିୟମର ଧାରା 200(1) ରେ ଦିଆଯାଇଥିବା ବିବେକାଧିକାର ନିର୍ଦ୍ଦେଶହୀନ, ଦିଗହରା ଏବଂ ମନମୁଖୀ ଅଟେ । ଧାରା 194 ଅଧୀନରେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ, ଜୋରିମାନା ଆଦାୟ କରିବାର ଅଧିକାର ସୃଷ୍ଟି ହେବ ନାହିଁ । ଯେତେବେଳେ ଧାରା 200 ଅଧୀନରେ ଉଲ୍ଲେଖିତ ପରିମାଣ ପାଇଁ ଅପରାଧର ରଫା ନିମନ୍ତେ ନ୍ୟାୟାଳୟକୁ ବିବେକାଧିକାର ଦିଆଯାଏ, ସେତେବେଳେ ଏହାକୁ ବିନିର୍ଦ୍ଦିଷ୍ଟ ପରିମାଣ ଦ୍ୱାରା ସ୍ତରୀଭୂତ କରାଯାଇପାରିବ ନାହିଁ । ତେଣୁ ଏହା ସ୍ପଷ୍ଟ ହେବ ଯେ ଅପରାଧର ରଫା ପାଇଁ ସର୍ବାଧିକ ହାର ନିର୍ଦ୍ଧାରଣ କରିବାର କ୍ଷମତାର ପ୍ରୟୋଗ ବେଆଇନ, ମନମୁଖୀ ଏବଂ ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ ଅଟେ । ଯୁକ୍ତିଟିରେ ଆମ୍ଭେ କୌଣସି ଦୃଢ଼ତା ପାଉନାହୁଁ । ଧାରା 113 ରୁ 115 ର ଲଘଂନ ପାଇଁ, ଧାରା 194 ଦଣ୍ଡ ବ୍ୟବସ୍ଥା ପ୍ରଦାନ କରେ ଏବଂ ଏହାର ଲଘଂନ ପାଇଁ ଦୋଷୀ ସାବ୍ୟସ୍ତ ହେଲେ, ଏହି ଧାରା ପୂର୍ବରୁ ଉଲ୍ଲେଖ କରାଯାଇଥିବା ଅନୁସାରେ ଜୋରିମାନା ସହିତ ଦଣ୍ଡ ବିଧାନ କରେ । ଧାରା 200 ର ଉପଧାରା (1) ଅନୁଯାୟୀ ଉଲ୍ଲେଖ କରାଯାଇଥିବା ଅପରାଧଗୁଡିକର ରଫା ପାଇଁ ପରିମାଣ ନିର୍ଦ୍ଦିଷ୍ଟ କରିବାକୁ ଏହି ଧାରା ରାଜ୍ୟ ସରକାରଙ୍କୁ ବିଧାନ ଅନୁଯାୟୀ ଜଣେ ପ୍ରତିନିଧି ଭାବରେ ମାର୍ଗଦର୍ଶନ କରିବ । ଏହା ବାଧ୍ୟତାମୂଳକ ନୁହେଁ ଯେ ପ୍ରାଧିକୃତ ଅଧିକାରୀ ସର୍ବଦା ଅପରାଧକୁ ରଫା କରିବେ । ଅପରାଧଗୁଡ଼ିକୁ ରଫା କରିବା ଅଭିଯୁକ୍ତଙ୍କ ଇଚ୍ଛା ଉପରେ ସର୍ତ୍ତମୂଳକ ଅଟେ । ଅଭିଯୋଜନ ମାମଲା ରୁଜୁ ପୂର୍ବରୁ ମଧ ଏହା କରାଯାଇପାରିବ । ଆବେଦନକାରୀ ଯଦି ଅପରାଧକୁ ରଫା କରିବାକୁ ଇଚ୍ଛୁକ ହୁଅନ୍ତି, ତେବେ ପ୍ରାଧିକୃତ ଅଧିକାରୀ ଅପରାଧକୁ ରଫା କରିବା ପାଇଁ କ୍ଷେତ୍ରାଧିକାର ତଥା ପ୍ରାଧିକାର ପାଇଥା'ନ୍ତି ଏବଂ ଅଭିଯୁକ୍ତକୁ ଉକ୍ତ ଅର୍ଥ ପ୍ରଦାନ କରିବାକୁ ନିବେଦନ କରନ୍ତି । ଏହାର ଅନୁପାଳନ ପରେ, କାର୍ଯ୍ୟାନୁଷ୍ଠାନ, ଯଦି ପୂର୍ବରୁ ଆରମ୍ଭ ହୋଇଥିବ, ବନ୍ଦ ହୋଇଯିବ କିମ୍ବା ଆଗକୁ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ନାହିଁ । ଅପରାଧର ରଫାକୁ ସ୍ୱୀକାର କରିବା ଅଥବା ଉପଯୁକ୍ତ ନ୍ୟାୟାଳୟରେ ମକଦ୍ଦମାର ସମ୍ମୁଖୀନ ହେବା, ଅଭିଯୁକ୍ତଙ୍କ ତରଫରୁ ଇଚ୍ଛାକୃତ କିମ୍ବା ସମ୍ମତିର ବିଷୟ ଅଟେ । କରାଯାଇଥିବା ଅପରାଧ ପାଇଁ

ଜରିମାନାର ପରିମାଣ ନିର୍ଦ୍ଧାରଣ ତଥା ନିର୍ଦ୍ଧାରଣ ପ୍ରଣାଳୀ ସମ୍ବନ୍ଧରେ, ଧାରା 194, ଦଣ୍ଡ ସମ୍ବନ୍ଧୀୟ ଏବଂ ଦୋଷାରୋପ ଧାରା ସର୍ବାଧିକ ବାହ୍ୟ ସୀମା ନିର୍ଦ୍ଧାରଣ କରେ ଯାହା ମଧ୍ୟରେ ମୀମାଂସିତ ପ୍ରାପ୍ୟ ନିର୍ଦ୍ଧାରିତ ହେବ । ଅର୍ପିତ ବିଧାନ ଦ୍ୱାରା ପ୍ରୟୋଗ କରାଯାଇଥିବା ବିବେକାଧିକାର, ଅର୍ଥାତ୍, କାର୍ଯ୍ୟ ନିର୍ବାହୀ ଅଧିନିୟମରେ ବିନିର୍ଦ୍ଦିଷ୍ଟତା ଦ୍ୱାରା ନିୟନ୍ତ୍ରିତ ଅଟେ । ଏହା ଜରୁରୀ ନୁହେଁ ଯେ ସ୍ୱୟଂ ଧାରା 200 ରେ ସେହି ବାବଦରେ ବିବରଣୀ ରହିବା ଉଚିତ । ଯେ ପର୍ଯ୍ୟନ୍ତ ମୀମାଂସିତ ପ୍ରାପ୍ୟ ଦଣ୍ଡବିଧାନ ଧାରା ଦ୍ୱାରା ନିର୍ଦ୍ଧାରିତ ସ୍ୱୀକୃତି ଠାରୁ ଅଧିକ ନୁହେଁ, ସେ ପର୍ଯ୍ୟନ୍ତ ଏହାକୁ ଅତ୍ୟଧିକ କିମ୍ବା ଅଯୌକ୍ତିକ କିମ୍ବା ମାର୍ଗଦର୍ଶନରୁ ରହିତ ବୋଲି ଘୋଷଣା କରାଯାଇପାରିବ ନାହିଁ ।

ତେଣୁ ଏହା ସ୍ପଷ୍ଟ ହେବ ଯେ ସରକାର ଜଣେ ପ୍ରତିନିଧି ଭାବେ ଅଧିନିୟମର ଧାରା 200 ଅନୁଯାୟୀ ଅଧିନିୟମର ଧାରା 194 ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ମୀମାଂସିତ ପ୍ରାପ୍ୟ ନିର୍ଦ୍ଧାରଣ କରିବାରେ ନିଜର କ୍ଷମତାକୁ ଅତିକ୍ରମ କରିନଥିଲେ ।

ତଦନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ କରାଯାଉଛି ।

ଆର. ପି.

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**